# CBSE
# Marking Scheme - 2023-24
## CLASS - XII
## ODIA (113)

**1.** **5x2=10**

(i) ବିକାଶ ନାମରେ ଅବିଚାରିତ ଭାବରେ ପ୍ରାକୃତିକ ଆବାସର ଅତ୍ୟଧିକ ବ୍ୟବହାର ଯୋଗୁଁ ପରିବେଶ ଅଧଃପତିତ ହେଉଅଛି।

(ii) ୨୦୨୧ ବିଶ୍ୱପରିବେଶ ଦିବସର ବାର୍ତ୍ତାଥିଲା "ପରିସଂସ୍ଥା ପୁନରୁଦ୍ଧାର ଦଶନ୍ଧି" ।

(iii) ନିଜେ କ୍ଷତିଗ୍ରସ୍ତ ହେଲେ ବି ବୃକ୍ଷଲତାମାନେ କଦାପି ପ୍ରତିବାଦ କରନ୍ତି ନାହିଁ ।

(iv) ଜଳଚକ୍ର ନିୟନ୍ତ୍ରଣ, ଜଳବାୟୁ ତଥା ଉତ୍ତାପ ନିୟନ୍ତ୍ରଣ, ପଶୁପକ୍ଷୀଙ୍କୁ ଆଶ୍ରୟ, ବର୍ଷାକୁ ଆକୃଷ୍ଟ କରିବା ଓ ଚିତ୍ତବିନୋଦନର ମାଧ୍ୟମକୁ ନେଇ ଯଦି ଏହାର ପରୋକ୍ଷ ମୂଲ୍ୟାୟନ କରାଯାଏ ତେବେ ଏହା ଅତୁଳନୀୟ ହେବ।

(v) ଜଳବାୟୁ ତଥା ଉତ୍ତାପ ନିୟନ୍ତ୍ରଣ କ୍ଷେତ୍ରରେ ବୃକ୍ଷର ଭୂମିକା ଗୁରୁତ୍ୱପୂର୍ଣ୍ଣ।

**2.** ଉପକ୍ରମ-1 **6**

ବିଷୟବସ୍ତୁ, ଶୃଙ୍ଖଳିତ ଉପସ୍ଥାପନା-3

ସୂକ୍ତି ଉଦ୍ଧାର, ନିଜସ୍ୱ ବିଚାର-1

ଉପସଂହାର-1

**3.** ସମ୍ବୋଧନ ଓ ଠିକଣା -1 **6**

ବିଷୟବସ୍ତୁ ଉପସ୍ଥାପନା -4

ଲିଖନକ୍ରମ ଓ ଶୈଳୀ -1

**4.** ନିମ୍ନଲିଖିତ ଶବ୍ଦଗୁଡ଼ିକର ବିପରୀତାର୍ଥବୋଧକ ଶବ୍ଦ ଲେଖ । **2x1=2**

(i) ନିଗ୍ରହ

(ii) ଅପକର୍ଷ

(iii) ନିରକ୍ଷର

**5.** ଶୁଦ୍ଧ ପ୍ରୟୋଗ ଆଧାରରେ ଠିକ୍ ଉତ୍ତରଟି ଲେଖ । **3x1=3**

(i) ପୂଜାସ୍ପଦ

(ii) ବିଶ୍ୱଜନୀନ

(iii) ଅନଟନ

(iv) ନିର୍ଦ୍ଦୋଷ

**6.** ସମୋଚ୍ଚାରିତ ଶବ୍ଦଗୁଡ଼ିକର ଅର୍ଥ ଲେଖ । **2x1=2**

(i) ଶର-ଧନୁଶର

ସର-ପୋଖରୀ / ଦୁଧସର

(ii) ପରିଚ୍ଛଦ-ପୋଷାକ

ପରିଚ୍ଛେଦ-ଅଧ୍ୟାୟ

(iii) ତଟକା-ସଜ

ତାଟକା-ଆବାକାବା

7. ଏକପଦରେ ପ୍ରକାଶ କର । **3x1=3**

(i) ବିରହକ

(ii) ଦାର୍ଶନିକ

(iii) ଗ୍ରହୀତା

(iv) ସନ୍ନ୍ୟାସୀ

8. ସପ୍ରସଙ୍ଗ ସରଳାର୍ଥ ଲେଖ । **5**

(i) ଇତିହାସ-ବିଶ୍ୱନାଥ କର

(ii) ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା - ଗୋଲୋକବିହାରୀ ଧଳ

ପ୍ରବନ୍ଧ ଓ ପ୍ରାବନ୍ଧିକଙ୍କ ସୂଚନା-1

ପ୍ରସଙ୍ଗ ନିର୍ଦ୍ଦେଶ-1

ବର୍ଣ୍ଣନା-3

9. ସଂକ୍ଷେପରେ ଉତ୍ତର ଲେଖ । **3x2=6**

(i) ଗୋଟିଏ ନିଭୃତ ହୃଦୟର ଚିନ୍ତା ପରିବ୍ୟାପ୍ତ ହୋଇ ବୃହତ ଅଗ୍ନିରେ ପରିଣତ ହୁଏ ଏବଂ ରାଶିରାଶି ଅସତ୍ୟ, ଅନ୍ୟାୟ, ଅସାମ୍ୟ, ଅପବିତ୍ରତାକୁ ଶୁଷ୍କ ତୃଣରାଶିତୁଲ୍ୟ ପୋଡ଼ି ଭସ୍ମୀଭୂତ କରିପକାଏ । କେବଳ ବିଶୁଦ୍ଧ ସତ୍ୟଟି ପରିଷ୍କାର ଭାବରେ ପ୍ରତିଭାତ ହୁଏ ।

(ii) ଗୋ-ପଲର ଗଳଘଣ୍ଟି ବା ଗୋପାଳର ବେଣୁସ୍ୱନ ଶୁଣି କିମ୍ବା କୁଟୀରରୁ ଉଦ୍‌ଗତ କୁଣ୍ଡଳୀଭୂତ ଧୂମ ଦେଖି ବନବାସୀମାନଙ୍କ ବାସଭୂମିକୁ ଜଳଦ ଚିହ୍ନି ପାରିବ ।

(iii) ବ୍ୟକ୍ତିର ଦୋଷଗୁଣ, କ୍ରିୟାକଳାପ, ଚିନ୍ତାଧାରା ଓ ମାନସିକ ଦୃଷ୍ଟିକୋଣ, ସାଧୁତା ଓ ସଚ୍ଚୋଟପଣିଆ ତଥା କାର୍ଯ୍ୟଦକ୍ଷତା ସମ୍ପର୍କରେ ବ୍ୟକ୍ତିଗତ ଭାବରେ ସମ୍ପୂର୍ଣ୍ଣରୂପେ ଅବଗତ ହେଲା ପରେ ହିଁ ଉପଯୁକ୍ତ ବ୍ୟକ୍ତିକୁ ପ୍ରତିନିଧି ରୂପେ ବାଛିବା ଉଚିତ୍ ।

(iv) ପାଠ ପଢ଼ିଲେ, ସେହି ପାଠ ବଳରେ ଆମେ ଅନ୍ୟମାନଙ୍କ ସହ ସମାନ ହୋଇପାରିବା ।

(v) ମଣିଷର ମନକୁ ପ୍ରଥମେ ଶିକ୍ଷାରେ ସଜାଡ଼ି ଯୋଜନା କଥା କହିଲେ ସେମାନେ ବୁଝିପାରିବେ ।

10. ନିମ୍ନରେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଯଥାର୍ଥ ଉତ୍ତର ପ୍ରଦତ୍ତ ଉତ୍ତର ପର୍ଯ୍ୟାୟରୁ ବାଛି ଲେଖ ।

10x1=10

(i) (A) ଧର୍ମ

(ii) (B) ଦରିଦ୍ରଠାରେ

(iii) (C) ଗଣତନ୍ତ୍ର ଶାସନରେ

(iv) (C) ମୌଳିକ ଚିନ୍ତା

(v) (C) ବିବିଧ ପ୍ରବନ୍ଧ

(vi) (B) ନରକଙ୍କାଳ

(vii) (B) କଟକ

(viii) (C) ଲୋକପ୍ରତିନିଧି ମନୋନୟନ

(ix) (D) ଶିକ୍ଷାପଦ୍ଧତି

(x) (A) ଶାଳିକ୍ଷେତ୍ର

**11.** ସପ୍ରସଙ୍ଗ ସରଳାର୍ଥ ଲେଖ । **5**

(i) ବଡ଼ପଣ-ରାଧାନାଥ ରାୟ

(ii) ପିଙ୍ଗଳାର ଅଭିସାର- ରାଧାମୋହନ ଗଡ଼ନାୟକ

କବିତା ଓ କବିଙ୍କ ସୂଚନା -1

ପ୍ରସଙ୍ଗ ନିର୍ଦ୍ଦେଶ -1

ବର୍ଣ୍ଣନା -3

**12.** ସଂକ୍ଷେପରେ ଉତ୍ତର ଲେଖ । **3x2=6**

(i) ଗଣିକା, ଓକିଲ ଏବଂ ଛାମୁଆ ବା ଖୋସାମଦିଆଙ୍କ ପୋଷଣ ନିମନ୍ତେ ରାଜା ଓ ଜମିଦାରମାନେ ପ୍ରଜାଙ୍କୁ ଶୋଷଣ କରନ୍ତି ।

(ii) ରାମଚନ୍ଦ୍ରଙ୍କ ଦ୍ୱିତୀୟ ପତ୍ନୀ ବିବାହ ପୂର୍ବରୁ କେଉଁ ତପସ୍ୟା ଓ ମନ୍ତ୍ର ଜପ କରିଥିବାରୁ ରାମଚନ୍ଦ୍ରଙ୍କୁ ପତିରୂପେ ପାଇବାକୁ ଯୋଗ୍ୟା ହୋଇଥିଲେ, ରାମଚନ୍ଦ୍ରଙ୍କଠାରୁ ସେହି ତପସ୍ୟା ଓ ମନ୍ତ୍ର ବିଷୟରେ ତପସ୍ୱିନୀ ସୀତା ଜାଣିବାକୁ ଚାହିଁଥିଲେ ।

(iii) ଯମଦୂତ ଯେପରି ହୃଦୟହୀନ ତଥା ନିଷ୍ଠୁର ହୋଇଥାନ୍ତି ସେହିପରି ସିପାହି ମଧ୍ୟ କବିଙ୍କ ପ୍ରତି ସମ ବ୍ୟବହାର କରିଥିବାରୁ ତାକୁ ଯମଦୂତ ବୋଲି କବି କହିଛନ୍ତି ।

(iv) ଧନୀ ଯୁବକଟି କଥା ଦେଇ ନ ଆସିବାରୁ ପିଙ୍ଗଳା ମନରେ ବିରାଗ ଆସିଥିଲା ।

(v) କବି ମନୁଷ୍ୟ ପୁତ୍ରଙ୍କୁ ଦଗ୍ଧ ହେବାପାଇଁ କହିଛନ୍ତି କାରଣ ଦଗ୍ଧ ହେଲା ପରେ ହିଁ ନୂତନ ସୃଷ୍ଟିର ସମ୍ଭବ ହୋଇଥାଏ । ସେହି ଧ୍ୱଂସ ମଧ୍ୟରୁ ସୃଷ୍ଟି ହେବ ଜ୍ଞାନାଲୋକ ଏବଂ ଯେଉଁଥିରୁ ସେମାନେ ନିଜର ଅଧିକାର ବିଷୟରେ ଜାଣିପାରିବେ ।

**13.** ନିମ୍ନରେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଯଥାର୍ଥ ଉତ୍ତର ପ୍ରଦତ୍ତ ଉତ୍ତର ପର୍ଯ୍ୟାୟରୁ ବାଛି ଲେଖ । 10x1=10

(i) (A) ରାମଚନ୍ଦ୍ର

(ii) (B) ପ୍ରେମର ଅସ୍ୱଷ୍ଟଗିର

(iii) (B) ଲୌକିକ ଜ୍ଞାନକୁ ଧରି

(iv) (C) ଭୀମ ଅତ୍ୟାଚାର

(v) (A) ମୁକ୍ତ ଚାରିଣୀ ତଟିନୀ

(vi) (C) ରାଜ୍ୟକୁ ଏକ ପରିବାର ମନେ କରୁଥିଲେ

(vii) (A) କାରା କବିତା

(viii) (C) ନବବଧୂଙ୍କୁ ମୁଗ୍ଧ କରିବା ପାଇଁ

(ix) (C) ଆକାଶ

(x) (B) ବରଷାର ନୀପ

**14.** ସଂକ୍ଷେପରେ ଉତ୍ତର ଲେଖ । (ଯେ କୌଣସି 3 ଟିର) 3x2=6

(i) କଲିକତାର ଧୂଆଁପତ୍ର ବାଲେଶ୍ୱରକୁ ଜାହାଜରେ ଆସୁଥିଲା । ବାଲେଶ୍ୱରରୁ ଶଗଡ଼ରେ ଓଡ଼ିଶାର ସମସ୍ତ ସ୍ଥାନକୁ ଚାଲାଣ କରାଯାଉଥିଲା । ସେଥିପାଇଁ କଲିକତି ଧୂଆଁପତ୍ରର ନାମ ବାଲେଶ୍ୱରୀ ବୋଲି କୁହାଯାଉଥିଲା ।

(ii) ସ୍ୱାଧୀନତାର ଉତ୍ସବ ପାଳନ ନିମନ୍ତେ ହଠାତ୍ ଶଙ୍ଖ, ଘଣ୍ଟ, ହୁଳହୁଳି ଓ ତୋପ ପ୍ରଭୃତି ବାଜି ଉଠିବାରୁ ରାୟବାହାଦୁରଙ୍କ ନିଦ ଭାଙ୍ଗି ଯାଇଥିଲା ।

(iii) ଅଶୋକ ଯେତେବେଳେ ସମସ୍ତଙ୍କ ପାଖରୁ ପଦେପଦେ ଶୁଣି ଭୟଭୀତ ହୋଇ ପଡ଼ିଛନ୍ତି ସେତେବେଳେ ମାଷ୍ଟରଜୀ ତାଙ୍କୁ ବ୍ୟସ୍ତ ନ ହେବାପାଇଁ ପରାମର୍ଶ ଦେଇଛନ୍ତି ଏବଂ ତାଙ୍କ କୋଳରେ ଅଶୋକର ମୁଣ୍ଡଟିକୁ ରଖି ପିଠିରେ ଥାପୁଡ଼ାଇ ସାନ୍ତ୍ୱନା ଦେଇଛନ୍ତି ।

(iv) କମ୍ବୁଗ୍ରୀବ ଦିଗନ୍ତ ପ୍ରତି ଦୃଷ୍ଟିପାତ କରି ଦୂରରେ ଥିବା ପର୍ବତଶ୍ରେଣୀ, ସରୋବର ଓ ଉପତ୍ୟକାଗୁଡ଼ିକ ବିଷୟରେ ଚିନ୍ତା କରୁଥିଲା । ସେଗୁଡ଼ିକ କେତେ ସୁନ୍ଦର, ସ୍ୱଚ୍ଛ ଓ ସବୁଜତର ହୋଇଥିବେ କିନ୍ତୁ ସେ ବିହଙ୍ଗ ନହୋଇ କଚ୍ଛପ ହୋଇଥିବା ହେତୁ ନିଜ ଭାଗ୍ୟକୁ ଧିକ୍କାର କରୁଥିଲା ଓ ଦୀର୍ଘଶ୍ୱାସ ଛାଡୁଥିଲା ।

(v) ସନ୍ଧ୍ୟାହେଲେ ସାଧାରଣତଃ ଲୋକମାନେ ଗୃହାଭିମୁଖୀ ହୋଇଥାନ୍ତି କିନ୍ତୁ ବନାରସରେ ସନ୍ଧ୍ୟାହେଲେ ଲୋକମାନେ ଆନନ୍ଦର ସନ୍ଧାନ କରିବାକୁ ବାହାରେ ବୁଲିଥାନ୍ତି । ସୁତରାଂ ଅସଂଖ୍ୟ ଲୋକଙ୍କ କୋଳାହଳ ସାଙ୍ଗକୁ ବିଦ୍ୟୁତ୍ ଆଲୋକର ସାଜସଜାକୁ ଦେଖି ବନାରସରେ ସନ୍ଧ୍ୟା ହୁଏନା ବୋଲି କୁହାଯାଇଛି ।

◈◈◈